# Akashvani, Sambalpur

## SAMBALPURI NEWS BULLETIN

### 20 December 2025 – 6.47- 6.52 am.

*******************************************

ଇଲେକ୍ଟ୍ରୋନିକ୍ସ ଉତ୍ପାଦନ୍ କ୍ଲଷ୍ଟର        ପି.ଆଇ.ବି.

ଭୁବ୍‌ନେଶ୍ୱର୍ ଇନ୍‌ଫୋଭେଲି ଠାନେ ଗୁଟେ ଇଲେକ୍ଟ୍ରୋନିକ୍ସ ସାମାନ୍ ଉତ୍ପାଦନ୍ କ୍ଲଷ୍ଟର୍ ତିଆର୍ କର୍‌ବାର୍‌କେ କେନ୍ଦ୍ର ସର୍‌କାର୍ ମଞ୍ଜୁରୀ ଦେଇଛନ୍ । ରାଜ୍ୟସଭା ନ ଇ ବାବ୍‌ଦେ ସୂଚ୍‌ନା ଦେଇକରି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଆଉ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ୍ କହିଛନ୍, ୨ ଶହ ୩ ଏକଡ଼୍‌ନୁ ଅଏତ୍‌କା ଜାଗାଥି ତିଆର୍ ହେବାର୍‌କେ ଥିବା ଇ ପ୍ରକଳ୍ପଥି ୨ ଶହ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚା ହେବା । ଇଥିର୍‌ଲାଗି କେନ୍ଦ୍ର ସର୍‌କାର୍ ୯୩ କୋଟି ଟଙ୍କାର୍ ଆର୍ଥିକ୍ ଅନୁଦାନ୍ ଯୁଗେଇ ଦେବେ । ଇ ପ୍ରକଳ୍ପଥି ୧୫ ଶହ ୩୦ କୋଟି ଟଙ୍କାର୍ ନିବେଶ୍ ସହେତେ ୩ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ଆଶ୍ କରାଯାଉଛେ ।

ବନ୍ଦର୍ ସୁରକ୍ଷା ବ୍ୟୁରୋ        ପି.ଆଇ.ବି.

ଦେଶେ ଜାହାଜ୍ ଆଉ ବନ୍ଦର୍ ମାନ୍‌କର୍ ସୁରକ୍ଷା ଲାଗି ଗୁଟେ ସମର୍ପିତ ସଂସ୍ଥା ବନ୍ଦର୍ ସୁରକ୍ଷା ବ୍ୟୁରୋ ଗଠନ୍ ହେବା । ଇଥିର୍‌ଲାଗି କେନ୍ଦ୍ର ସ୍ୱରାଷ୍ଟ୍ର ଆଉ ସମବାୟ ମନ୍ତ୍ରୀ ଅମିତ୍ ଶାହା ଗଲାକାଏଲ୍ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ବୈଠକ୍‌ଥି କେନ୍ଦ୍ର ବନ୍ଦର, ଜାହାଜ ଚଲାଚଲ୍ ଆଉ ଜଲ୍‌ପଥ୍ ମନ୍ତ୍ରୀ, କେନ୍ଦ୍ର ବେସାମରିକ ବିମାନ୍ ଚଲାଚଲ୍ ମନ୍ତ୍ରୀ ଆଉ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ବୈଠକ୍‌ଥି ସାରାଦେଶର୍ ବନ୍ଦର୍ ମାନ୍‌କର୍ ଲାଗି ଗୁଟେ ବର୍‌କସ୍ ସୁରକ୍ଷା ଢାଂଚା ତିଆର୍ କର୍‌ବାର୍ ଆବଶ୍ୟକତା ଉପ୍‌ରେ ମନ୍ତ୍ରୀ ଶ୍ରୀ ଶାହା ଜୋର୍ ଦଇଥିଲେ ।

ରାଜ୍ୟପାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭିନ୍ ଭିନ୍ ପ୍ରକାରର୍ ସମସ୍ୟାର୍ ସମାଧାନ୍ ଆଉ ପରିବେଶ୍ ସୁରକ୍ଷା କର୍‌ବାର୍ ଦିଗେ ଜ୍ଞାନ୍ ଉପଯୋଗ୍ କର୍‌ବାର୍ ସହେତେ ସାମାଜିକ୍ ସଦ୍‌ଭାବନାକେ ତହେଁକେଇକରି ମାନବ୍ ସମାଜ୍‌ର ସେବା କର୍‌ବାର୍‌କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆହ୍ୱାନ୍ ଦେଇଛନ୍ । ଗଲାକାଏଲ୍ ବ୍ରହ୍ମପୁର୍‌ର ଗୁଟେ ବିଶ୍ୱବିଦ୍ୟାଳୟର୍ ୨ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍‌ଥି ଛାତ୍ରଛାତ୍ରୀମାନ୍‌କୁ ଉଦ୍‌ବୋଧନ୍ ଦେଇକରି ରାଜ୍ୟପାଲ୍ ଇଟା କହିଥିଲେ । ଇଥି ନୂଆଦିଲ୍ଲୀ ଏଆଇସିଟିଇର ଉପାଧ୍ୟକ୍ଷ ଉପସ୍ଥିତ୍ ଥିଲେ ।

ଉଚ୍ଚଶିକ୍ଷା ମନ୍ତ୍ରୀ     ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ଫି’ ବ୍ଲକ୍ ନ ୨ ଟା ଉଚ୍ଚଶିକ୍ଷାନୁଷ୍ଠାନ୍ ଆଉ ଜିଲ୍ଲା ନ ଗୁଟେ ଲେଖା ବହୁବିଷୟ ଗବେଷଣାଭିତିକ ବିଶ୍ୱବିଦ୍ୟାଳୟ ୨୦୪୭ ମସିହାତକ୍ ଥାପ୍ନା କରାଯିବାର୍କେ ଲକ୍ଷ୍ୟ ରଖାଯାଇଛେ ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ବିଶ୍ୱବିଦ୍ୟାଳୟର୍ କୁଳପତି, ମହାବିଦ୍ୟାଳୟର୍ ଅଧ୍ୟକ୍ଷ ଆଉ ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶକଙ୍କୁ ନେଇକରି ହେଇଥିବା କର୍ମଶାଳାଥି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ଯେ, ଉଚ୍ଚଶିକ୍ଷାଥି ଅନ୍ତର୍ଭୁକ୍ତିକରଣ୍କେ ପ୍ରାଧାନ୍ୟ ଦେବାର୍ ଦିଗେ ବିଭାଗ୍ କାମ୍ କରୁଛେ ।

ବି.ଭି.ଜି ରାମ୍ଜୀ ବିଲ୍       ଆର୍ଏନ୍ୟୁ/ କଟକ୍

ବିକଶିତ ଭାରତ୍ ନିଶ୍ଚିତ ରୋଜ୍ଗାର୍ ଆଉ ଆଜୀବିକା ଅଭିଯାନ୍ ଗ୍ରାମୀଣ ବିଲ୍-୨୦୨୫ ସଂସଦ୍ର ଅନୁମୋଦନ୍ ପାଇଛେ । ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ କର୍ବାର୍ ଲାଗି ଗୁଟେ ଗ୍ରାମୀଣ୍ ବିକାଶ୍ ଢାଂଚା ତିଆର୍ କର୍ବାର୍ଥି ଇଟା ସାହାଜ୍ କର୍ବା । ଆଘୋନୁ ରହିଥିବା ଶହେ ଦିନର୍ ନିଶ୍ଚିତ୍ ନିଯୁକ୍ତି ବ୍ୟବସ୍ଥାକେ ଇଥି ଶହେ ୨୫ ଦିନ୍କେ ବଢ଼ାଯାଇଛେ ।  ଯେନ୍ଟା ଗ୍ରାମାଂଚଲ୍ର ବିକାଶ୍ କ୍ଷେତ୍ରଥି

ବିପ୍ଲବ୍ ଆନ୍‌ବା ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍...
(ଭଏସ୍ ଓଭର୍- କିରେନ୍ ରିଜିଜୁ)

ଗଣଶିକ୍ଷା ମନ୍ତ୍ରୀ- ଝାର୍‌ସୁଗୁଡ଼ା          ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଲାକାଏଲ୍ ଝାର୍‌ସୁଗୁଡ଼ା ଜିଲ୍ଲା ଆସିକରି ଭିନ୍ ଭିନ୍ ଉନ୍ନୟନ୍ ମୂଲକ୍ ପ୍ରକଳ୍ପର୍ ଶିଲାନ୍ୟାସ୍ କରିଛନ୍ । ଜିଲ୍ଲାର୍ କିର୍ମିରା ଠାନେ ୨ କୋଟି ୮୦ ଲାଖ୍ ଆଉ ଲଇକେରା ଠାନେ ୮୦ ଲାଖ୍ ଟଙ୍କାର୍ ପ୍ରକଳ୍ପର୍ ଶିଲାନ୍ୟାସ୍ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଲାଗୁ ହେଇଥିବା ଯୋଜ୍‌ନାମାନ୍‌କର୍ ଲାଭ୍ ଉଠାବାର୍ ଲାଗି ସାଧାରଣ୍ ଲୁକ୍‌କୁ ସଚେତନ୍ କରେଇଥିଲେ । ମନ୍ତ୍ରୀଙ୍କର୍ ଗସ୍ତ ସମିଆଥି ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଭିଲ୍ ଉପସ୍ଥିତ୍ ଥିଲେ ।

ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା          ଆର୍‌ଏନ୍‌ୟୁ/ ସମ୍ବଲପୁର

ବାମ୍‌ରା ବ୍ଲକ୍ ମିନି ଷ୍ଟାଡ଼ିୟମ୍ ଠାନେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା -୨୦୨୫ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ

ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାୟକ୍ ଉଦ୍ଘାଟନ୍ କରିଥିଲେ । ଇ ଅବ୍ସରେ ୪ ଝନ୍ ପ୍ରାଣୀପାଲକ୍ ଆଉ ୪ ଝନ୍ ମତ୍ସ୍ୟଚାଷୀଙ୍କୁ ସମ୍ମାନିତ୍ କରାଯାଇଥିଲା । ଇତାର୍‌ଛଡ଼ା ପ୍ରାଣୀସମ୍ପଦ୍ ବିକାଶ୍ ଆଉ ମତ୍ସ୍ୟ ବିଭାଗ୍ ତର୍‌ଫୁ ୬ ଝନ୍ ଚାଷୀଙ୍କୁ ଆର୍ଥିକ୍ ସାହାଜ୍ ଭିଲ୍ ଯୁଗେଇ ଦିଆଯାଇଥିଲା ।

ମଧ୍ୟସ୍ଥତା ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ନ ଗଲା ଡିସେମ୍ବର୍ ୧୫ ନୁ ୧୯ ତାରିଖ୍‌ତକ୍ ହେଇଥିବା ମଧ୍ୟସ୍ଥତା ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଓଡ଼ିଶା ହାଇକୋର୍ଟ ବିଚାର୍‌ପତି ଆଉ ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ୍ ମାନସ୍ ରଞ୍ଜନ୍ ପାଠକ୍ ଆଭାସୀ ଜରିଏ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ ।

ବାମଣ୍ଡା କପ୍ କ୍ରିକେଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ଼୍ ଜିଲ୍ଲା ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ନ ଆଏବା ୨୨ ତାରିଖ୍ ନୁ ୨୮ ତାରିଖ୍‌ତକ୍ ୩୫ ନମ୍ବର୍ ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ହେବା । ଟୁର୍ଣ୍ଣାମେଂଟ୍‌ଥି ଓଡ଼ିଶାର୍ ୬ ଟା ଦଲ୍ ସହେତେ

ରାଜ୍ୟ ବାହାରୁ ୨ ଟା କ୍ରିକେଟ୍ ଦଲ୍ ଭାଗ୍ ନେବେ । ଇଥିର୍‌ଲାଗି ଗଲାକାଏଲ୍ ଗୁଟେ ପ୍ରସ୍ତୁତି ବୈଠକ୍ ସାଙ୍ଗେ ସାମ୍ବାଦିକ୍ ସମ୍ମିଲନୀ ହେଇଯାଇଛେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଶୀତ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ ଫୁଲ୍‌ବାଣୀ ନ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ୬ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ଆଉ କନ୍ଧମାଲ୍ ନ ବହଲିଆ କୁହୁଡ଼ି ଲାଗି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । କଲାହାଣ୍ଡି, କୋରାପୁଟ୍ ର ଗୁଟେ ଜୁଡ଼େ ଜାଗା ନ କମ୍ ନୁ ମଧମ୍ ଧରଣ୍ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।